# ECHO OF HIS CALL

# ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper

₹ 10/-

ECHO OF HIS CALL 1969-2019 GOLDEN JUBILEE

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVI YEAR OF OUR LORD JESUS CHRIST, 2024 NOVEMBER No.09


## ପବିତ୍ର ବାଇବଲ

(ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)
(ହିତୋପଦେଶ ୨୬:୧-୧୦)

୧ ଯେପରି ଗ୍ରୀଷ୍ମକାଳରେ ହିମ ଓ ଫସଲ ସମୟରେ ବୃଷ୍ଟି, ସେପରି ମୂର୍ଖକୁ ସମ୍ମାନ ଅନୁପଯୁକ୍ତ ।

୨ ଯେପରି ଘରଚଟିଆ ଭ୍ରମଣ କରୁଥିବା ବେଳେ ଓ ତାଳଚୋଞ୍ଚ ଉଡୁଥିବା ବେଳେ, ସେପରି ଅକାରଣରେ ଦତ୍ତ ଶାପ ନିକଟକୁ ଆସେ ନାହିଁ ।

୩ ଅଶ୍ୱ ପାଇଁ କୋରଡ଼ା ; ଗର୍ଦ୍ଦଭ ପାଇଁ ଲଗାମ, ପୁଣି ମୂର୍ଖର ପିଠି ପାଇଁ ବାଡ଼ି ।

୪ ମୂର୍ଖକୁ ତାହାର ଅଜ୍ଞାନତାନୁସାରେ ଉତ୍ତର ଦିଅ ନାହିଁ, ଦେଲେ ତୁମ୍ଭେ ମଧ ତାହାର ସମାନ ହେବ ।

୫ ମୂର୍ଖକୁ ତାହାର ଅଜ୍ଞାନତାନୁସାରେ ଉତ୍ତର ଦିଅ, ନୋହିଲେ ସେ ଆପଣା ଦୃଷ୍ଟିରେ ଆପଣାକୁ ଜ୍ଞାନୀ ବୋଧ କରିବ ।

୬ ମୂର୍ଖ ହାତରେ ଯେ ସମାଚାର ପଠାଏ, ସେ ଆପଣା ପାଦ ଆପେ କାଟି କ୍ଷତି ଭୋଗ କରେ ।

୭ ନେଙ୍ଗଡ଼ାର ଚରଣ ଯେପରି ନଡ଼ନଡ଼, ଅଜ୍ଞାନର ମୁଖରେ ସେପରି ହିତୋପଦେଶ-ବାକ୍ୟ ।

୮ ଯେପରି ପ୍ରସ୍ତରରାଶିରେ ମଣିର ଥଳୀ, ସେପରି ସେ, ଯେ ମୂର୍ଖକୁ ସମ୍ମାନ ଦିଏ ।

୯ ମତ୍ତ ଲୋକର ହସ୍ତରେ ଉଠାଯିବା କଣ୍ଟକ ଯେପରି, ମୂର୍ଖମାନଙ୍କ ମୁଖରେ ହିତୋପଦେଶ ବାକ୍ୟ ସେପରି ।

୧୦ ବାଣୁଆ ଯେପରି ସମସ୍ତଙ୍କୁ କ୍ଷତବିକ୍ଷତ କରେ, ସେପରି ସେହି ଲୋକ, ଯେ ମୂର୍ଖକୁ ବେତନ ଦିଏ ଓ ଯେ ପଥିକକୁ ବେତନ ଦିଏ ।

# ପରସ୍ପର ପ୍ରତି ସହନଶୀଳ ହୁଅ

(BEARING EACH OTHER'S BURDEN) (Galatians 6:2)


ସମ୍ମାନୀୟା, ମୁଖ୍ୟ ସଂପାଦିକା,
ରେଭ୍. ଆଞ୍ଜେଲାଇନ୍ ସେଲ୍‌ଭାକୁମାରୀ




**ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆପଣମାନଙ୍କୁ ଅଭିବାଦନ !** ତାଙ୍କର ପ୍ରେମ ଅସୀମ, ନିଃସର୍ତ୍ତମୂଳକ ଓ ନିର୍ବିବାଦ । ଆମେ ଈଶ୍ୱରଙ୍କୁ ତାଙ୍କର ସେହି ଅନୁଗ୍ରହ ଓ ଦୟା ନିମନ୍ତେ ଧନ୍ୟବାଦ ଦେଉଅଛୁ ଯାହା ଆମକୁ ୨୦୨୪ର ପ୍ରଥମ ଦଶମାସ ଧରି ବଞ୍ଚାଇ ରଖିଛି । ସେ ଆମକୁ ଚାଳନା ଦେବା ଅବ୍ୟାହତ ରଖିବେ ଓ ଆମେ ତାଙ୍କର ସନ୍ତାନସନ୍ତତି ହୋଇଥିବାରୁ ତାଙ୍କର ଅନୁଗ୍ରହ ଆମ ପାଇଁ ସର୍ବଦା ଯଥେଷ୍ଟ ହେବ ।

ବାଇବଲ ଆମକୁ ଏହା କହିଛି ଯେ ସେ ଆମକୁ ତାଙ୍କର ସନ୍ତାନସନ୍ତତି ହେବା ପାଇଁ ଆହ୍ୱାନ କରିଛନ୍ତି । କେତେ ବଡ଼ ସୌଭାଗ୍ୟ ! ମାତ୍ର ମୁଖ୍ୟ ପ୍ରଶ୍ନ ହେଉଛି, **"ଆମର ଜୀବନ ତାଙ୍କ ଆହ୍ୱାନର ଯୋଗ୍ୟ ଅଟେ କି ?"** ଏଫିସୀୟମାନଙ୍କ ନିକଟକୁ ଲେଖିଥିବା ପତ୍ରରେ, ପ୍ରେରିତ ପାଉଲ ଲେଖିଛନ୍ତି : **"ତୁମ୍ଭେମାନେ ଯେଉଁ ଆହ୍ୱାନରେ ଆହୂତ ହୋଇଅଛ, ସେଥିର ଯୋଗ୍ୟ ଆଚରଣ କର"** (ଏଫିସୀୟ ୪:୧) । ଏହାର ଅର୍ଥ କ'ଣ ? ଏହି ପଦଟି ଅନେକ ଦିନ ଧରି ମୋ' ମନ ମଧ୍ୟରେ ରହିଥିଲା । ତାଙ୍କ ଆହ୍ୱାନର ଯୋଗ୍ୟ ଏକ ଜୀବନ କାଟିବାର ପ୍ରକୃତ ଅର୍ଥ କ'ଣ ? ଆମକୁ ସଠିକ୍ ଭାବରେ କ'ଣ କରିବା ପାଇଁ ଆହ୍ୱାନ କରାଯାଇଛି ? ଏହାର ଅନେକ ଦିଗ ରହିଥିଲେ ସୁଦ୍ଧା, ଆସନ୍ତୁ ଆମେ ଆଜି କେବଳ ଗୋଟିଏ ବିଷୟ ଉପରେ ଦୃଷ୍ଟି ନିବଦ୍ଧ କରିବା ।


(ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ)





ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!


ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ

ତାମିଲ ରବିବାର ଉପାସନା - ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (1969-2019 GOLDEN JUBILEE YEAR)



# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...



## ଆମର ମିଶନ ପଲିସୀ

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
HON. MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.

EDITOR, PUBLISHER & PRINTER
Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858
95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.com
YOUTUBE CHANNEL
Echo of His Call

**"...ତୁମ୍ଭମାନଙ୍କ ମଧ୍ୟରୁ ଯେବେ କାହାରି ଜ୍ଞାନର ଅଭାବ ଥାଏ, ତେବେ ... ଈଶ୍ୱରଙ୍କ ଛାମୁରେ ସେ ପ୍ରାର୍ଥନା କରୁ" (ଯାକୁବ ୧:୫) ।**

**ଖ୍ରୀଷ୍ଟଙ୍କଠାରେ ଈଶ୍ୱରଙ୍କ ପ୍ରିୟ ସନ୍ତାନଗଣ,**

ଆମେ ଆପଣମାନଙ୍କୁ ଈଶ୍ୱରଙ୍କ ମଣ୍ଡଳୀ ପକ୍ଷରୁ ଅଭିବାଦନ ଜଣାଉଅଛୁ ଯେପରିକି ଆପଣଙ୍କର ଉତ୍ତମ ଜୀବନ ଅଧିକ ପ୍ରଚୁରଭାବେ ବିକଶିତ ହେବ ।

ଆମେ ଆମର **"ଆହ୍ୱାନର ପ୍ରତିଧ୍ୱନି"** ସେବାକାର୍ଯ୍ୟର ସହକର୍ମୀମାନଙ୍କ ପାଇଁ ପ୍ରଭୁଙ୍କୁ ଧନ୍ୟବାଦ ଦେଉଅଛୁ । ଯଦିଓ କେତେକ କ୍ଷେତ୍ରରେ ପ୍ରତିବନ୍ଧକ, ଅସୁସ୍ଥତା ଓ ଅର୍ଥନୈତିକ ସମସ୍ୟା ଆମ ପାଇଁ ଅନୁକୂଳ ନୁହେଁ, ତଥାପି ଈଶ୍ୱର ଆମକୁ ସୁରକ୍ଷା ଓ ଚାଳନା ଦେଇ ଆସୁଛନ୍ତି । ପ୍ରେରିତ ପାଉଲ କହିଥିଲେ, **"କାହାର ପ୍ରାଣନାଶ ହେବ ନାହିଁ, କେବଳ ଜାହାଜ ନଷ୍ଟ ହେବ"** (ପ୍ରେରିତ ୨୭:୨୨) ।

ଆମ ପ୍ରଚାରକମାନଙ୍କର ଖରାପ ସ୍ୱାସ୍ଥ୍ୟ ଯୋଗୁ, ଆମେ କିଛି ସ୍ଥାନୀୟ ଯାତ୍ରା ପାଇଁ ଅସମର୍ଥ ଥିଲୁ । କିନ୍ତୁ, **"ଧାର୍ମିକ ସାତଥର ପଡ଼ିଲେ ହେଁ ଉଠିବ"** – ଏହି ଶାସ୍ତ୍ରାଂଶ (ହିତୋପଦେଶ ୨୪:୧୬) ଅନୁସାରେ, ଈଶ୍ୱର ଆମକୁ ଉଠାଇଅଛନ୍ତି । ସେଥିପାଇଁ ଆଗାମୀ ମାସଟି ଆଶୀର୍ବାଦରେ ପୂର୍ଣ୍ଣ ହେବ ବୋଲି ଆମେ ଅତି ଆଶାୟୀ ଅଛୁ ।

ଆମେ ଆମର ସହକର୍ମୀ, ଭଉଣୀ ସେରିନା ବେଭିନ୍, ଭଉଣୀ ସାଜିନୀ ଚେରିଆନ, ରେଭ୍.ଡ.କେ.ଆର୍ ରାଜଶେଖରନ୍, ରେଭ.ଡ. ଉଇଲିୟମ ରବର୍ଟ, ମ୍ୟାକ୍ କ୍ୱିଲାନ୍, ୧୬ଟି ଭାଷାର ସମସ୍ତ ସହଯୋଗୀ ସଂପାଦକ, ୧୬ଟି ଭାଷାର ସହକାରୀ, ୧୬ଟି ଭାଷାର ସଂଯୋଜକ, ଅଫିସ କର୍ମଚାରୀ, ସାହାଯ୍ୟକାରୀ ଓ ପ୍ରତିମାସ **"ଆହ୍ୱାନର ପ୍ରତିଧ୍ୱନି"** ପତ୍ରିକା ପ୍ରକାଶନରେ ସାହାଯ୍ୟ କରୁଥିବା ପ୍ରିଣ୍ଟିଂ ପ୍ରେସ୍‌ର କର୍ମଚାରୀମାନଙ୍କ ନିମନ୍ତେ ଆପଣମାନଙ୍କର ପ୍ରାର୍ଥନା ଆବଶ୍ୟକ କରୁଅଛୁ । କେବଳ ଏହି ବ୍ୟକ୍ତିମାନଙ୍କର କଲ୍ୟାଣ ଓ ଉତ୍ତମ ସ୍ୱାସ୍ଥ୍ୟ ଯୋଗୁ, ଆମେ ନିୟମିତ ଭାବରେ ଏହି ପତ୍ରିକା ପ୍ରକାଶ କରି ପାରୁଛୁ ।

ଅର୍ଥନୈତିକ ସମସ୍ୟା ଯୋଗୁ, ଆମେ ୨୦୨୫ର କ୍ୟାଲେଣ୍ଡର ପ୍ରକାଶ କରି ଆପଣମାନଙ୍କ ନିକଟକୁ ପ୍ରେରଣ କରିବା ପାଇଁ ଅସମର୍ଥ ଅଟୁ । ସେଥିପାଇଁ, ଆମେ ଆନ୍ତରିକଭାବେ କ୍ଷମା ମାଗୁଅଛୁ ।

ଦୟାକରି ଆମର ମଣ୍ଡଳୀ ଗୁଡ଼ିକରେ, **ନିହିମିୟା ବାଇବଲ କଲେଜରେ, ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ, ଛାପାକଳରେ, ଗଣମାଧ୍ୟମ (ୟୁଟ୍ୟୁବ୍)** ସେବାକାର୍ଯ୍ୟରେ ଓ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଆମର ଈଶ୍ୱରଙ୍କ ସନ୍ତାନମାନଙ୍କୁ ଆପଣମାନଙ୍କର ବହୁମୂଲ୍ୟ ପ୍ରାର୍ଥନାରେ ସ୍ମରଣ କରନ୍ତୁ ।

ବିଶେଷ ଭାବରେ, ଆମେ ଆପଣମାନଙ୍କୁ ଏହା ଜଣାଉଅଛୁ ଯେ ଆମର ସେବାକାର୍ଯ୍ୟ ଗୋଟିଏ ଅର୍ଥନୈତିକ ସମସ୍ୟା ମଧ୍ୟ ଦେଇ ଗତି କରୁଅଛି ଓ ଆମେ ଆମର ଆବଶ୍ୟକତାଗୁଡ଼ିକୁ ପୂରଣ କରିବାରେ ଅସମର୍ଥ ହେଉଅଛୁ । ଦୟାକରି ପ୍ରାର୍ଥନା କରନ୍ତୁ ।

ଆମେ ଆମର ପ୍ରାର୍ଥନାସାଥୀମାନଙ୍କୁ ଓ **"ଆହ୍ୱାନର ପ୍ରତିଧ୍ୱନି"** ସେବାକାର୍ଯ୍ୟର ସଭ୍ୟମାନଙ୍କୁ ଅଭିବାଦନ ଜଣାଉଅଛୁ । ଆପଣମାନେ ପ୍ରଚୁରଭାବେ ଆଶୀର୍ବାଦ ପାଆନ୍ତୁ ।

ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ

**ଖ୍ରୀଷ୍ଟ ଯୀଶୁରେ ଆପଣମାନଙ୍କର ସେବକଗଣ,**

ପାଳକ ଆଲେକ୍ସ ସାମ୍‌ସନ୍ ସାମ୍

ପାଳକ ଏସ୍.ସାମ୍.ସେଲ୍‌ଭାରାଜ

(+91) 98412 71858 / 98410 71858, E.mail : sam@echoofhiscall.org

Our Ministries: ECHO OF HIS CALL Monthly Magazines (16 languages) ◘ BIBLECOR - Postal Courses (3 languages) ◘ YouTube Ministry ◘ Online Courses ◘ Theological Correspondence Courses (2 languages) ◘ Church Planting ◘ Nehemiah Bible Colleges ◘ Gospel Printing Press ◘ Great Commission Partners ◘ St. Paul's Matriculation School ◘ Crusades ◘ Community Development

## ଦୟାକରି ଧ୍ୟାନ ଦିଅନ୍ତୁ : ଆହ୍ୱାନର ପ୍ରତିଧ୍ୱନିର ପାଠକଗଣ

ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ବାର୍ତ୍ତା ପ୍ରତିଦିନ ଭୋର ୨ଟାରେ ତାମିଲ, ତେଲୁଗୁ, ଇଂରାଜୀ ଓ ହିନ୍ଦୀ ଭାଷାରେ ପ୍ରସାରିତ ହେଉଅଛି । ଆପଣମାନେ ବାର୍ତ୍ତାଗୁଡ଼ିକୁ ଶୁଣିବା ଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହ ପାଇପାରିବେ । ଅଧିକନ୍ତୁ, ଆପଣମାନଙ୍କ ମୋବାଇଲ୍ ଫୋନ୍‌ରେ ମୋର ମୋବାଇଲ ନମ୍ବର (+୯୧) ୯୮୪୧୦୭୧୮୫୮, (+୯୧) ୯୮୪୧୨୭୧୮୫୮ (ବ୍ୟକ୍ତିଗତ) ସଂରକ୍ଷିତ ରଖନ୍ତୁ ।

**ପାଳକ ଏସ୍.ସାମ୍.ସେଲଭାରାଜ୍**

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

## ଶାନ୍ତିକାରକ : ଈଶ୍ୱରଙ୍କର ସନ୍ତାନଗଣ

ଆସନ୍ତୁ, ଆମେ ମାଥିଉ ୫:୯ ଉପରେ ଚିନ୍ତା କରିବା – **''ଶାନ୍ତିକାରକ ଲୋକେ ଧନ୍ୟ, କାରଣ ସେମାନେ ଈଶ୍ୱରଙ୍କ ଦର୍ଶନ ପାଇବେ ।''** ପ୍ରିୟ ଭାଇ ଓ ଭଉଣୀମାନେ, ଯଦି ଆମେ ଈଶ୍ୱରଙ୍କର ସନ୍ତାନ ସନ୍ତତି ହେବା ପାଇଁ ଓ ଆମ ଆହ୍ୱାନର ଯୋଗ୍ୟ ଆଚରଣ କରିବା ପାଇଁ ଆହ୍ୱାନ ପାଇଅଛୁ, ତେବେ ଆମକୁ ଶାନ୍ତିକାରକ ହେବାକୁ ପଡ଼ିବ । ଏହା ଈଶ୍ୱରଙ୍କ ସନ୍ତାନଗଣର ଏକ ମୁଖ୍ୟ ଚରିତ୍ର । ସେ ଆମକୁ ସମସ୍ୟା ସୃଷ୍ଟିକାରୀ ନୁହେଁ, ମାତ୍ର ଶାନ୍ତିକାରକ ହେବା ପାଇଁ ଆହ୍ୱାନ କରିଛନ୍ତି ।

ଏଫିସୀୟ ୪:୨ ଏହି ଶିକ୍ଷା ଦେଇଛି ଯେ ଈଶ୍ୱରଙ୍କ ସନ୍ତାନସନ୍ତତି ଭାବରେ, ଏକ ଆରେକ ପ୍ରତି ସହନଶୀଳ ହେବା ଦ୍ୱାରା ଶାନ୍ତିକାରକ ହେବା ପାଇଁ ଆମକୁ ଆହ୍ୱାନ କରାଯାଇଛି । ଏହା କରିବା ପାଇଁ, ଆମକୁ ନମ୍ର, କୋମଳ ଓ ସହିଷ୍ଣୁ ହେବାକୁ ପଡ଼ିବ । ଏହି ଗୁଣଗୁଡ଼ିକୁ କେବଳ ଆମର ସହ ବିଶ୍ୱାସୀମାନଙ୍କ ପ୍ରତି ନୁହେଁ, ମାତ୍ର କଠୋର ବାକ୍ୟ ଓ ଆଘାତପୂର୍ଣ୍ଣ କାର୍ଯ୍ୟ ଦ୍ୱାରା ପ୍ରତିଦିନ ଆମର ଧୈର୍ଯ୍ୟକୁ ପରୀକ୍ଷା କରୁଥିବା ଲୋକମାନଙ୍କ ପ୍ରତି ମଧ୍ୟ ପ୍ରଦର୍ଶନ କରିବାକୁ ହେବ । ପ୍ରକୃତରେ ଏହା କଷ୍ଟକର ଓ ଆହ୍ୱାନମୂଳକ ହୋଇପାରେ । ଏହାକୁ ଆଚରଣରେ ଦେଖାଇବା ଅପେକ୍ଷା, ଏହାକୁ କହିବା ଅଧିକ ସହଜ ଅଟେ । କିନ୍ତୁ ବାଇବଲ ଠିକ୍ ଏହା ହିଁ ସେମାନଙ୍କଠାରୁ ଆଶା କରେ ଯେଉଁମାନେ ଯୀଶୁଙ୍କୁ ପ୍ରେମ କରନ୍ତି । ପ୍ରେରିତ ଯାକୁବ ଏହି ବିଷୟ ଉପରେ ଗୁରୁତ୍ୱ ଦେଇଛନ୍ତି ଯେ ଆମେ କେବଳ ବାକ୍ୟର ଶ୍ରୋତାମାତ୍ର ନ ହୋଇ ବାକ୍ୟର କର୍ମକାରୀ ହେବା ଆବଶ୍ୟକ ।

## ଏକ ଆରେକ ପ୍ରତି ସହନଶୀଳ ହେବା !

କଲସୀୟ ୩:୧୩ ଆମକୁ ନିର୍ଦ୍ଦେଶ ଦେଇଛି : **''ପରସ୍ପର ପ୍ରତି ସହନଶୀଳ ହୁଅ, ଆଉ ଯଦି କାହାରି କାହାରି ବିରୁଦ୍ଧରେ କୌଣସି କଥା ଥାଏ, ତେବେ ଏକକୁ ଆରେକ କ୍ଷମା କର, ପ୍ରଭୁ ଯେପରି ତୁମ୍ଭମାନଙ୍କୁ କ୍ଷମା କରିଅଛନ୍ତି, ତୁମ୍ଭେମାନେ ମଧ୍ୟ ସେହିପରି କର ।''**

ଏକ ଆରେକ ପ୍ରତି ସହନଶୀଳ ହେବା ପାଇଁ କ୍ଷମା ଆବଶ୍ୟକ ହୁଏ । ପ୍ରକୃତରେ, କ୍ଷମା କରିବା ପାଇଁ ପ୍ରେମ ଆବଶ୍ୟକ ହୁଏ ଓ ଈଶ୍ୱରଙ୍କ ପ୍ରେମ ବିନା, ଆମେ ସଂପୂର୍ଣ୍ଣ ଭାବରେ କ୍ଷମା କରିପାରିବା ନାହିଁ କିମ୍ବା ଭୁଲି ପାରିବା ନାହିଁ । ଆପଣ କହିପାରନ୍ତି, ''ଏହା କଷ୍ଟକର ଅଟେ, ମୁଁ ଏହା କରିପାରିବି ନାହିଁ । ମୁଁ କେବଳ ଜଣେ ମନୁଷ୍ୟ ହୋଇଥିବାରୁ ମୋର ଆବେଗ ଓ ଅନୁଭବ ରହିଛି । ଏହା ମୋ' ପାଇଁ ଅସମ୍ଭବ ଅଟେ ।'' କିନ୍ତୁ, ଠିକ୍ ଏଥିପାଇଁ ହିଁ ଆମେ ଈଶ୍ୱରଙ୍କ ସାହାଯ୍ୟ ଆବଶ୍ୟକ କରୁ – ଅର୍ଥାତ୍, ପ୍ରେମ କରିବା ପାଇଁ ଓ କ୍ଷମା ଦେବା ପାଇଁ । ପରସ୍ପରର ଭାର ବହନ କରିବା କେବଳ ଏକ ପରାମର୍ଶ କିମ୍ବା ଏକ ପନ୍ଥା ନୁହେଁ, ଏହା ଏକ ଆଦେଶ ଅଟେ । ଗାଲାତୀୟ ୬:୨ରେ ଲେଖାଅଛି : **''ପରସ୍ପରର ଭାର ବହନ କର, ଏହି ପ୍ରକାରେ ତୁମ୍ଭେମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ସଫଳ କରିବ ।''**

ଖ୍ରୀଷ୍ଟଙ୍କ ବ୍ୟବସ୍ଥା ସଫଳ କରିବା ପାଇଁ, ଆମକୁ ଏକ ଆରେକର ଭାର ବହନ କରିବାକୁ ହେବ । ପ୍ରତ୍ୟେକ ବ୍ୟକ୍ତି ଅସୁବିଧା, ଅର୍ଥାତ୍, ଆହ୍ୱାନ, ଭାରାକ୍ରାନ୍ତ ପରିସ୍ଥିତି, ଅର୍ଥନୈତିକ ସଂଘର୍ଷ, ପାପ ସହିତ ଯୁଦ୍ଧ ଓ ଉଭୟ ଶାରୀରିକ ଓ ଆତ୍ମିକ କ୍ଳେଶର ସମ୍ମୁଖୀନ ହୁଏ । କିନ୍ତୁ, ଆମେ ଏହି ସବୁ ଭାର ଏକାକୀ ସହ୍ୟ କରିବା ପାଇଁ ଉଦ୍ଦିଷ୍ଟ ନୋହୁଁ । ସେଥିପାଇଁ ଈଶ୍ୱର ଆମକୁ ମଣ୍ଡଳୀ ପରିବାର ପ୍ରଦାନ କରିଛନ୍ତି । ଆମେ ଖ୍ରୀଷ୍ଟଙ୍କଠାରେ ଏକ ଶରୀର ଅଟୁ ଓ ଯେତେବେଳେ ଶରୀରର ଗୋଟିଏ ଅଙ୍ଗ ଦୁଃଖଭୋଗ କରେ, ସେତେବେଳେ ସମଗ୍ର ଶରୀର ଆକ୍ରାନ୍ତ ହୁଏ ।

## କ୍ରୁଶର ପ୍ରତୀକ

ଆମେ ପ୍ରାୟତଃ, ଈଶ୍ୱରଙ୍କ ସହିତ ଥିବା ଆମ ସଂପର୍କ ଉପରେ ଗୁରୁତ୍ୱ ଦେଇ ତାଙ୍କ ସହିତ ଶାନ୍ତି ରକ୍ଷା ଉପରେ ମନୋଯୋଗୀ ହେଉ । କିନ୍ତୁ, କ୍ରୁଶର ପ୍ରତୀକରେ ଦୁଇଟି ରେଖା ଅଛି : ଭୂ ଲମ୍ବ ରେଖା, ଯାହା ଈଶ୍ୱରଙ୍କ ସହିତ ଆମର ସଂପର୍କର ପ୍ରତିନିଧିତ୍ୱ କରେ ଓ ଭୂମି ସହିତ ସମାନ୍ତର ରେଖା ଯାହା ଅନ୍ୟମାନଙ୍କ ସହିତ ଆମ ସଂପର୍କର ନିଦର୍ଶନ ଅଟେ ।

ଯୀଶୁଙ୍କର ଦୁଇଟି ଗୁରୁତ୍ୱପୂର୍ଣ୍ଣ ଆଜ୍ଞାକୁ ସେହି ସମାନ ଭାବରେ ସଂକ୍ଷିପ୍ତ କରାଯାଇଛି । ପ୍ରଥମଟି : **''ତୁମ୍ଭେ ଆପଣାର ସମସ୍ତ ଅନ୍ତଃକରଣ, ସମସ୍ତ ପ୍ରାଣ ଓ ସମସ୍ତ ମନ ଦେଇ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରେମ କର''** (ମାଥିଉ ୨୨:୩୭) । ଏହା ଈଶ୍ୱରଙ୍କ ସହିତ ଆମର ସଂପର୍କ ବିଷୟରେ କହେ (ଭୂଲମ୍ବ ରେଖା) । ଦ୍ୱିତୀୟଟି : **''ଆପଣା ପ୍ରତିବାସୀକୁ ଆତ୍ମ ତୁଲ୍ୟ ପ୍ରେମ କର''** (ମାଥିଉ ୨୨:୩୯) । ଏହା ଅନ୍ୟମାନଙ୍କ ସହିତ ଆମର ସଂପର୍କ ବିଷୟରେ କହେ (ସମାନ୍ତର ରେଖା) ।

ଆମ ମଧ୍ୟରୁ ଅନେକେ ଈଶ୍ୱରଙ୍କ ସହିତ ସଂପର୍କରେ ସନ୍ତୋଷ ଅନୁଭବ କରନ୍ତି । ଆମେ ପ୍ରଭୁଙ୍କୁ ପ୍ରେମ କରୁ, ପ୍ରତିଦିନ ତାଙ୍କର ବାକ୍ୟ ପାଠ କରୁ, ପ୍ରାର୍ଥନା କରୁ, ଉପବାସ କରୁ, ଗୀର୍ଜ୍ଜାରେ ଯୋଗ ଦେଉ ଓ ଆତ୍ମାଙ୍କର ଦାନ ଉପରେ ବଡ଼ ଗୁରୁତ୍ୱ ଦେଇ ସେବାକାର୍ଯ୍ୟରେ ନିୟୋଜିତ ରହୁ । ୧ କରିନ୍ଥୀୟ ୧୨:୮-୧୦ରେ ପାଉଲ ଲେଖିଛନ୍ତି, **''କାରଣ ଜଣକୁ ଆତ୍ମାଙ୍କ ଦ୍ୱାରା ବୁଦ୍ଧିର ବାକ୍ୟ, ଅନ୍ୟ ଜଣକୁ ସେହି ଆତ୍ମାଙ୍କ ଶିକ୍ଷାନୁଯାୟୀ ଜ୍ଞାନର ବାକ୍ୟ, ଅପର ଜଣକୁ ସେହି ଆତ୍ମାଙ୍କ ଦ୍ୱାରା ବିଶ୍ୱାସ, ଆଉ ଜଣକୁ ସେହି ଏକ ଆତ୍ମାଙ୍କ ଦ୍ୱାରା ଆରୋଗ୍ୟ କରିବାର ଶକ୍ତି, ଅନ୍ୟ ଜଣକୁ ନାନା ଶକ୍ତିର କାର୍ଯ୍ୟ ସାଧନ କରିବାର, ଆଉ ଜଣକୁ ଭାବବାଣୀ କହିବାର, ଅନ୍ୟ ଜଣକୁ ଭିନ୍ନ ଭିନ୍ନ ଆତ୍ମା ଚିହ୍ନିବାର, ଆଉ ଜଣକୁ ଭାଷାର ଅର୍ଥ କରିବାର ଶକ୍ତି ଦାନ କରାଯାଏ ।''**

ମାତ୍ର ଆତ୍ମାଙ୍କ ଫଳ ବିଷୟରେ କ'ଣ କୁହାଯିବ ? ଗାଲାତୀୟ ୫:୨୨,୨୩ ଆମକୁ ସ୍ମରଣ କରାଇ ଦିଏ, **''କିନ୍ତୁ ଆତ୍ମାଙ୍କ ଫଳ ପ୍ରେମ, ଆନନ୍ଦ, ଶାନ୍ତି, ଦୀର୍ଘସହିଷ୍ଣୁତା, ପରୋପକାରିତା, ଉତ୍ତମତା, ବିଶ୍ୱସ୍ତତା, ମୃଦୁତା ଓ ଆତ୍ମସଂଯମ ...।''** ମୁଁ ପ୍ରାୟ ଏହା ଲକ୍ଷ୍ୟ କରେ ଯେ ଲୋକମାନେ ସେମାନଙ୍କ ସେବାକାର୍ଯ୍ୟ ଓ ଈଶ୍ୱରଙ୍କ ସହିତ ବ୍ୟକ୍ତିଗତ ସଂପର୍କରେ ଏପରି ବ୍ୟସ୍ତ ରହିଯା'ନ୍ତି ଯେ ସେମାନେ ସେମାନଙ୍କ ପରିବାର ଓ ପ୍ରତିବାସୀମାନଙ୍କୁ ଅବହେଳା କରନ୍ତି । ବାଇବଲ ଆମକୁ ଏହି ଶିକ୍ଷା ଦେଇଛି ଯେ ଉଭୟ ସଂପର୍କ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ ।

## ମଣ୍ଡଳୀର ଦାୟିତ୍ୱ

ଯେଉଁ ମଣ୍ଡଳୀ ମଧ୍ୟରେ ଆପଣ ଓ ମୁଁ ଅନ୍ତର୍ଭୁକ୍ତ, ତାହା ଆମର ସହ ବିଶ୍ୱାସୀମାନଙ୍କର ଯତ୍ନ ନେବା ପାଇଁ ଓ ଭାର ବହନ କରିବା ପାଇଁ ଗୋଟିଏ ଗଭୀର ଦାୟିତ୍ୱ

ବହନ କରିଛି । ଯେତେବେଳେ ମଣ୍ଡଳୀ ରୂପକ ଶରୀରରେ ଗୋଟିଏ ଅଙ୍ଗ (ସଦସ୍ୟ) ଅସୁସ୍ଥ ଥାଏ, ସେତେବେଳେ ଏହା ଆମ ସମସ୍ତଙ୍କୁ ପ୍ରଭାବିତ କରେ । ଅନ୍ୟମାନଙ୍କର ଯତ୍ନ ନେବା ଯେ କେବଳ ଏକ ଦୟାର କାର୍ଯ୍ୟ ଅଟେ, ତା' ନୁହେଁ, ମାତ୍ର ଏଥିରେ ଏକ ବ୍ୟକ୍ତିଗତ ବିପଦ ମଧ୍ୟ ରହିଛି । ଯେତେବେଳେ ଆମ ଚତୁଃପାର୍ଶ୍ୱସ୍ଥ ଲୋକମାନେ ସୁସ୍ଥ ଥାଆନ୍ତି, ସେତେବେଳେ ଆମର ଉପକାର ହୁଏ, ଓ ଯେତେବେଳେ ଆମେ ସୁସ୍ଥ ଥାଉ, ସେତେବେଳେ ସାମୂହିକ ଭାବରେ ମଣ୍ଡଳୀ ଶକ୍ତିଯୁକ୍ତ ଥାଏ । ଏହାର ବିପରୀତରେ, ଯେତେବେଳେ ଆମେ ଦୁଃଖଭୋଗ କରୁ, ସେତେବେଳେ ଆମର ଘନିଷ୍ଠ ଲୋକମାନେ, ଏପରିକି ମଣ୍ଡଳୀ ମଧ୍ୟ ପ୍ରଭାବିତ ହୁଏ ।

ଗାଲାତୀୟ ୬:୨ରେ ଲେଖାଯାଏ : **"ପରସ୍ପରର ଭାର ବହନ କର, ଏହି ପ୍ରକାରେ ତୁମ୍ଭେମାନେ ଖ୍ରୀଷ୍ଟଙ୍କ ବ୍ୟବସ୍ଥା ସଫଳ କରିବ ।"** ଏହି ଆଜ୍ଞା ସ୍ପଷ୍ଟ ଅଟେ – ଏହା ସ୍ୱେଚ୍ଛାଧୀନ ନୁହେଁ, ମାତ୍ର ଈଶ୍ୱରଙ୍କ ପରିବାରର ପ୍ରତ୍ୟେକ ସଦସ୍ୟ ପାଇଁ ଏକ ପ୍ରତ୍ୟକ୍ଷ ନିର୍ଦ୍ଦେଶ ଅଟେ । କେବଳ ସେହିପରି କରିବା ଦ୍ୱାରା, ଆମେ ଈଶ୍ୱରଙ୍କ ସନ୍ତାନଭାବରେ ଆମ ଆହ୍ୱାନ ଅନୁସାରେ ଆଚରଣ କରୁ । ଆସନ୍ତୁ, କେତେକ ଲୋକ କିପରି ଏକ ଆରେକର ଭାର ବହନ କରିଛନ୍ତି, ଏହାର ଦୃଷ୍ଟାନ୍ତ ଗୁଡ଼ିକୁ ଦେଖିବା ପାଇଁ ଆମେ ବର୍ତ୍ତମାନ ଧର୍ମଶାସ୍ତ୍ର ପ୍ରତି ଦୃଷ୍ଟିପାତ କରିବା ।

## ଦାଉଦ ଓ ଯୋନାଥନ

ଦାଉଦ ଓ ଯୋନାଥନଙ୍କ ମଧ୍ୟରେ ଥିବା ବନ୍ଧନ ନିଃସ୍ୱାର୍ଥପର ପ୍ରେମ ଓ ବନ୍ଧୁତାର ଏକ ଉଲ୍ଲେଖଯୋଗ୍ୟ ଦୃଷ୍ଟାନ୍ତ ଅଟେ । ଦିନେ ଦାଉଦ ରାଜା ଭାବରେ ତାଙ୍କ ନିଜର ପଦବୀକୁ ଗ୍ରହଣ କରିବେ, ଏହା ଜାଣିବା ସତ୍ତ୍ୱେ, ଯୋନାଥନ ଦାଉଦଙ୍କୁ ସଂପୂର୍ଣ୍ଣ ହୃଦୟର ସହିତ ପ୍ରେମ କରିଥିଲେ । ଦାଉଦଙ୍କ ପ୍ରତି ତାଙ୍କର ଆନୁଗତ୍ୟ ଏତେ ଅଧିକ ଥିଲା ଯେ ସେ ନିଜ ପିତା, ରାଜା ଶାଉଲଙ୍କ ବିରୁଦ୍ଧରେ ସୁଦ୍ଧା ଠିଆ ହୋଇଥିଲେ ।

୧ ଶାମୁୟେଲ ୨୩ ଗୋଟି ଶକ୍ତିପୂର୍ଣ୍ଣ ସମୟକୁ ଲିପିବଦ୍ଧ କରିଛି । ଦାଉଦ ସୀଫ୍ ପ୍ରାନ୍ତରରେ ଲୁଚିଥିବା ସମୟରେ, ଶାଉଲ ଅବିଶ୍ରାନ୍ତ ଭାବରେ ତାଙ୍କର ଅନୁଧାବନ କରି ତାଙ୍କୁ ହତ୍ୟା କରିବା ପାଇଁ ଦୃଢ଼ ପ୍ରତିଜ୍ଞ ଥିଲେ । ବାଇବଲ ଆମକୁ କହିଛି, **"... ମାତ୍ର ପରମେଶ୍ୱର ତାଙ୍କୁ ତାଙ୍କ ହାତରେ ଦେଲେ ନାହିଁ"** (୧ ଶାମୁୟେଲ ୨୩:୧୪) ।

ପ୍ରିୟ ବନ୍ଧୁଗଣ, କେତେ ସାନ୍ତ୍ୱନାଦାୟକ ସତ୍ୟ ! ଯଦି ଈଶ୍ୱର ଦାଉଦଙ୍କୁ ସୁରକ୍ଷା ଦେଇଥିଲେ, ତେବେ ସେ ଆମକୁ ଆମର ସେହି ଶତ୍ରୁମାନଙ୍କଠାରୁ ମଧ୍ୟ ସୁରକ୍ଷା ଦେବେ ଯେଉଁମାନେ ଆମକୁ ବିଫଳ ହେବାର ଦେଖିବାକୁ ଇଚ୍ଛା କରନ୍ତି । ବେଳେବେଳେ, ଆମେ ବାରମ୍ବାର ଆକ୍ରମଣ ଅଧୀନରେ ରହିବା ଭଳି ଅନୁଭବ କରିପାରୁ । ମାତ୍ର ଆମକୁ ଏହା ମନେ ରଖିବାକୁ ହେବ ଯେ ଈଶ୍ୱର ଆମକୁ ଆମ ଶତ୍ରୁମାନଙ୍କ ହସ୍ତରେ ସମର୍ପଣ କରିବେ ନାହିଁ । ଯେତେବେଳେ ଆମର ମାର୍ଗଗୁଡ଼ିକ ପ୍ରଭୁଙ୍କର ସନ୍ତୋଷଜନକ ଅଟେ, ସେତେବେଳେ ସେ ଆମର ଶତ୍ରୁମାନଙ୍କୁ ଆମର ମଙ୍ଗଳ ନିମନ୍ତେ ବ୍ୟବହାର କରିପାରନ୍ତି । ଶତ୍ରୁ ନିକଟରେ ଥାଇପାରେ, ମାତ୍ର ଈଶ୍ୱର ନିୟନ୍ତ୍ରଣ କରନ୍ତି । ସେ ଆମକୁ ସେମାନଙ୍କ ହସ୍ତରେ ପଡ଼ିବାକୁ ଦେବେ ନାହିଁ ।

ସେହି ସମୟରେ ଶାଉଲ ଯେ ତାଙ୍କର ଅନୁଧାବନ କରୁଛନ୍ତି, ଏହା ଜାଣି ଦାଉଦ ଭୟରେ ଜୀବନ କାଟୁଥିଲେ । ସେ ନିଶ୍ଚୟ ନିଃସଙ୍ଗ, ନିରାଶ ଓ ଚିନ୍ତିତ ଥିବେ କାରଣ ସେ ପ୍ରାନ୍ତରରେ ଲୁଚିବା ପାଇଁ ନିଜ ପରିବାର, ନିଜର ପତ୍ନୀ, ବନ୍ଧୁ ଓ ନିଜ ଗୃହର ସ୍ୱାଚ୍ଛନ୍ଦ୍ୟଠାରୁ ଦୂରରେ ଥିଲେ । ନିଃସଙ୍ଗତା ଏକ ଅଦମ୍ୟ ଶତ୍ରୁ ହୋଇପାରେ ଓ ଏହା ନକାରାତ୍ମକ ଚିନ୍ତାକୁ ଉତ୍ପନ୍ନ ଓ ବୃଦ୍ଧି କରିପାରେ । ତଥାପି ଦାଉଦଙ୍କର ଅତି ଅନ୍ଧକାର ସମୟରେ, ଈଶ୍ୱର ତାଙ୍କ ସହିତ ଥିଲେ ଓ ଆମ ସହିତ ମଧ୍ୟ ଅଛନ୍ତି ।

ଯେତେବେଳେ ଦାଉଦ ଶାରୀରିକ ଭାବରେ, ମାନସିକ ଭାବରେ ଓ ଆତ୍ମିକ ଭାବରେ ଅବନତ ଥିଲେ, ସେତେବେଳେ ସେ ପ୍ରାନ୍ତରରେ ଜଣେ ଅପ୍ରତ୍ୟାଶିତ ଆଗନ୍ତୁକଙ୍କୁ ଭେଟିଲେ : **"ଏଣୁ ଶାଉଲଙ୍କ ପୁତ୍ର ଯୋନାଥନ ଉଠି ଦାଉଦଙ୍କ କତିକି ବଣକୁ ଗଲେ ଓ ପରମେଶ୍ୱରଙ୍କଠାରେ ତାଙ୍କର ହସ୍ତକୁ ସବଳ କଲେ"** (୧ ଶାମୁୟେଲ ୨୩:୧୬) । ଆସନ୍ତୁ, ଆମେ ଏହି ପଦର ଅନ୍ୟ କେତେକ ଅନୁବାଦକୁ ଦେଖିବା :

NIV : **ସଦାପ୍ରଭୁଙ୍କଠାରେ ବଳ ପାଇବାରେ ତାଙ୍କୁ ସାହାଯ୍ୟ କଲେ ।**

NLT : **ଈଶ୍ୱରଙ୍କଠାରେ ନିଜ ବିଶ୍ୱାସରେ ଦୃଢ଼ ରହିବାରେ ସାହାଯ୍ୟ କଲେ ।**

KJV : **ପରମେଶ୍ୱରଙ୍କଠାରେ ତାଙ୍କର ହସ୍ତକୁ ସବଳ କଲେ ।**

Amplified : **ଈଶ୍ୱରଙ୍କଠାରେ ତାଙ୍କୁ ଉତ୍ସାହିତ କରିଥିଲେ ।**

ସଂକ୍ଷେପରେ, ଯୋନାଥନ ତାଙ୍କର ପ୍ରିୟ ବନ୍ଧୁ ଦାଉଦଙ୍କୁ ସାକ୍ଷାତ୍ କରିବା ପାଇଁ ପ୍ରାନ୍ତରକୁ ଯାଇ, ତାଙ୍କୁ ଉତ୍ସାହିତ କରିଥିଲେ । ସେ ଉତ୍ସାହଜନକ ବାକ୍ୟ କହି ତାଙ୍କୁ ଶକ୍ତିଯୁକ୍ତ କରିଥିଲେ । ଯୋନାଥନ ଦାଉଦଙ୍କୁ କେବଳ ଆବେଗିକ ଭାବରେ ସହାୟତା ପ୍ରଦାନ କରିଥିଲେ, ତା' ନୁହେଁ, ମାତ୍ର ଯେତେବେଳେ ଦାଉଦ ଆତ୍ମିକ ଭାବରେ ଶୁଷ୍କ ହୋଇ ଯାଇଥିଲେ, ସେତେ ବେଳେ ଈଶ୍ୱରଙ୍କଠାରେ ବଳ ପାଇବାରେ ତାଙ୍କୁ ସାହାଯ୍ୟ କରିଥିଲେ । ଯୋନାଥନଙ୍କ ବାକ୍ୟ ଦାଉଦଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା । ୧ ଶାମୁୟେଲ ୨୩:୧୭ରେ ଯୋନାଥନ କହିଛନ୍ତି :

**"ଭୟ ନ କର, କାରଣ ମୋହର ପିତା ଶାଉଲଙ୍କର ହସ୍ତ ତୁମ୍ଭକୁ ପାଇବ ନାହିଁ, ପୁଣି ତୁମ୍ଭେ ଇସ୍ରାଏଲ ଉପରେ ରାଜା ହେବ ଓ ମୁଁ ତୁମ୍ଭର ଦ୍ୱିତୀୟ ହେବି, ଏହା ମଧ୍ୟ ମୋହର ପିତା ଜାଣନ୍ତି ।"**

ଯୋନାଥନ ଦାଉଦଙ୍କ ଜୀବନ ପାଇଁ ଈଶ୍ୱରଙ୍କ ଯୋଜନା ବିଷୟରେ ତାଙ୍କୁ ପୁନର୍ବାର ଭରସା ଦେଇଥିଲେ । କଳ୍ପନା କରନ୍ତୁ, ନିଜ ପିତାଙ୍କର ଭୁଲ୍‌କୁ ସ୍ୱୀକାର କରିବା ପାଇଁ ଯୋନାଥନ କେତେ କଷ୍ଟ ଅନୁଭବ କରିଥିବେ । ଶାଉଲ ଜଣେ ଶକ୍ତିଶାଳୀ ରାଜା

....Contd. to page 6

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
Velachery ଚେନ୍ନାଇ
ECHO OF HIS CALL 1969-2019 GOLDEN JUBILEE
REACHING NATIONS
Sponsorship Available
ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ ~ ହିନ୍ଦୀ
(Residential)
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ଯୋଗାଯୋଗ
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶

GREAT COMMISSION PARTNERS

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୪ ନଭେମ୍ବର ୧୯ ରୁ ୨୦୨୪ ଡିସେମ୍ବର ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ନଭେମ୍ବର ୧୯ ⇨ ଆମ ନିହିମିୟା ବାଇବଲ କଲେଜରେ ୨୦୨୪-୨୫ର ପ୍ରଥମ ସେମିଷ୍ଟାର ସଂପୂର୍ଣ୍ଣ କରି ଦ୍ୱିତୀୟ ସେମିଷ୍ଟାରକୁ ସଫଳ ଭାବରେ ଆରମ୍ଭ କରିବାରେ ସାହାଯ୍ୟ କରିଥିବାରୁ ।

ନଭେମ୍ବର ୨୦ ⇨ ଆମର ଛାପାକଳ ସାହାଯ୍ୟରେ ୧୬ଟି ଭାଷାରେ ଆମର ପତ୍ରିକାକୁ ଛପାଇ, ପ୍ରକାଶ କରି ମିଶନ କ୍ଷେତ୍ରଗୁଡ଼ିକୁ ପ୍ରେରଣ କରିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିବାରୁ।

ନଭେମ୍ବର ୨୧ ⇨ ଆମର ବାଇବଲ କୋର୍ ଓ ଥିଓଲୋଜିକାଲ୍ କରେସ୍ପଣ୍ଡେନ୍ସ ପାଠ୍ୟକ୍ରମ ଉପରେ ଆଶୀର୍ବାଦ କରିଥିବାରୁ ।

ନଭେମ୍ବର ୨୨ ⇨ ସୁସମାଚାର ଜାଣି ନ ଥିବା ଲୋକମାନଙ୍କ ନିକଟରେ ସୁସମାଚାର ପ୍ରଚାର କରିବା ପାଇଁ ଆମର ଉଭୟ ମୁଖ୍ୟ ମଣ୍ଡଳୀ ଓ ଏହାର ଶାଖା ମଣ୍ଡଳୀଗୁଡ଼ିକରେ ଆମର ରବିବାର ଉପାସନା ନିମନ୍ତେ ।

ନଭେମ୍ବର ୨୩ ⇨ ବହୁମୁଖୀ ସେବାକାର୍ଯ୍ୟ ମାଧ୍ୟମରେ ସୁସମାଚାର ପ୍ରଚାର କରିବା ପାଇଁ ଆମର ବରିଷ୍ଠ ପାଳକଙ୍କର ଅବିଚଳିତ ପ୍ରତିବଦ୍ଧତା ନିମନ୍ତେ ।

ନଭେମ୍ବର ୨୪ ⇨ ଆମେ ଆମର ''ଆହ୍ୱାନର ପ୍ରତିଧ୍ୱନି'' ପତ୍ରିକା ସେବାକାର୍ଯ୍ୟକୁ ସାହାଯ୍ୟ କରୁଥିବା ସମର୍ପିତ ସହଯୋଗୀ ସଂପାଦକମାନଙ୍କୁ ପାଇଥିବାରୁ ।

ନଭେମ୍ବର ୨୫ ⇨ ଆମର ପ୍ରାର୍ଥନା ସାଥୀ, ଆଜୀବନ ସଭ୍ୟ ସଭ୍ୟା, ବିଶ୍ୱାସ ସାଥୀ, ମହା ଆଦେଶ ସାଥୀଗଣ ଓ ସେମାନଙ୍କର ପରିବାରଗୁଡ଼ିକ ପ୍ରତି ତାଙ୍କର ଦୟା ନିମନ୍ତେ ।

ନଭେମ୍ବର ୨୬ ⇨ ଆମ ସେବାକାର୍ଯ୍ୟରେ ଆମର ନିୟମିତ ସାହାଯ୍ୟକାରୀ ଓ ସେମାନଙ୍କର ସକ୍ରିୟ ଅନ୍ତର୍ଭୁକ୍ତି ନିମନ୍ତେ ।

ନଭେମ୍ବର ୨୭ ⇨ ଆମର ସମର୍ପିତ ସଣ୍ଡେସ୍କୁଲ ଶିକ୍ଷକମାନଙ୍କ ନିମନ୍ତେ ।

ନଭେମ୍ବର ୨୮ ⇨ ଆମ ''ଆହ୍ୱାନର ପ୍ରତିଧ୍ୱନି'' ୟୁ-ଟ୍ୟୁବ୍ ସେବାକାର୍ଯ୍ୟର ସଭାପତି ଭାଇ ଏଡ୍‌ୱାର୍ଡ୍ ଦୁରାଇଙ୍କ ନିମନ୍ତେ ।

ନଭେମ୍ବର ୨୯ ⇨ ଆମର ''ଆହ୍ୱାନର ପ୍ରତିଧ୍ୱନି'' ୟୁ-ଟ୍ୟୁବ ଗଣମାଧ୍ୟମ ସେବାକାର୍ଯ୍ୟ ମାଧ୍ୟମରେ ଅପହଞ୍ଚ ଅଞ୍ଚଳରେ ସୁସମାଚାର ପ୍ରସାର କାର୍ଯ୍ୟରେ ପ୍ରଭୁ ଆମକୁ ସାହାଯ୍ୟ କରୁଥିବାରୁ ।

ନଭେମ୍ବର ୩୦ ⇨ ଆମର ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀଗୁଡ଼ିକରେ ସଣ୍ଡେସ୍କୁଲ ନିମନ୍ତେ ଆମକୁ ଅଧିକରୁ ଅଧିକ ପିଲାମାନଙ୍କୁ ଯୋଗାଇଥିବାରୁ ।

ଡିସେମ୍ବର ୧ ⇨ ଆମର ସେଣ୍ଟପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜର ଛାତ୍ର ଓ ଶିକ୍ଷକମାନଙ୍କୁ ସ୍ୱର୍ଗୀୟ ସୁରକ୍ଷା ଯୋଗାଇ ଦେଇଥିବାରୁ ।

ଡିସେମ୍ବର ୨ ⇨ ଆମର ଶୁଭେଚ୍ଛୁ, ବନ୍ଧୁ ବର୍ଗ ଓ କ୍ଷେତ୍ରରେ ସାହାଯ୍ୟକାରୀ ମାନଙ୍କ ନିମନ୍ତେ ।

ଡିସେମ୍ବର ୩ ⇨ ''ଆହ୍ୱାନର ପ୍ରତିଧ୍ୱନି'' ସେବାକାର୍ଯ୍ୟର ସମସ୍ତ କାର୍ଯ୍ୟକଳାପ ଉପରେ ତାଙ୍କର ଚାଳନା ଓ ଆଶୀର୍ବାଦ ନିମନ୍ତେ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଡିସେମ୍ବର ୪ ⇨ ଆମର ବରିଷ୍ଠ ପାଳକ, ଏସ୍.ସାମ୍.ସେଲ୍‌ଭା ରାଜ୍ ଓ ତାଙ୍କର ପରିବାରର ସଦସ୍ୟମାନଙ୍କୁ ସମସ୍ତ ପ୍ରକାର ମନ୍ଦଶକ୍ତିରୁ ସୁରକ୍ଷା ଦେବା ନିମନ୍ତେ ।

ଡିସେମ୍ବର ୫ ⇨ ନିଜର ଆତ୍ମା-ଜୀବନୀ ଲେଖାରେ ଆମର ବରିଷ୍ଠ ପାଳକଙ୍କର ସଫଳତା ନିମନ୍ତେ ।

ଡିସେମ୍ବର ୬ ⇨ ସମଗ୍ର ପୃଥିବୀରେ ପାଳକ, ମିଶନେରୀ ଓ ଖ୍ରୀଷ୍ଟୀୟ ସଂସ୍ଥାଗୁଡ଼ିକୁ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଡିସେମ୍ବର ୭ ⇨ ଆମ ପତ୍ରିକା ସମିତିର ସଦସ୍ୟମାନଙ୍କ ନିମନ୍ତେ ।

ଡିସେମ୍ବର ୮ ⇨ ଆମର ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ ନିହିମିୟା ବାଇବଲ କଲେଜର ଶିକ୍ଷକ, କର୍ମଚାରୀ ଓ ଛାତ୍ରମାନଙ୍କ ନିମନ୍ତେ ।

ଡିସେମ୍ବର ୯ ⇨ ସମଗ୍ର ପୃଥିବୀରେ ଯୁବକ ଯୁବତୀମାନଙ୍କର ଆତ୍ମା-ହତ୍ୟା କରିବାର ମନୋଭାବକୁ ଦୂର କରିବା ନିମନ୍ତେ ।

ଡିସେମ୍ବର ୧୦ ⇨ ସମଗ୍ର ପୃଥିବୀରେ ବାତ୍ୟା ଓ ଭୂମିକମ୍ପ ଭଳି ପ୍ରାକୃତିକ ବିପର୍ଯ୍ୟୟର ନିରାକରଣ ନିମନ୍ତେ ।

ଡିସେମ୍ବର ୧୧ ⇨ ଆମ ମଣ୍ଡଳୀର ସମିତି ସଦସ୍ୟମାନଙ୍କ ନିମନ୍ତେ ।

ଡିସେମ୍ବର ୧୨ ⇨ ଆମ ସ୍କୁଲ ସମିତି ସଦସ୍ୟମାନଙ୍କ ନିମନ୍ତେ ।

ଡିସେମ୍ବର ୧୩ ⇨ ସମଗ୍ର ପୃଥିବୀରେ ସଂକ୍ରାମକ ରୋଗ ବିରୁଦ୍ଧରେ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଡିସେମ୍ବର ୧୪ ⇨ ପୃଥିବୀବ୍ୟାପୀ ସମସ୍ତ ଖ୍ରୀଷ୍ଟିଆନ ସେବାକାର୍ଯ୍ୟରେ ଏକ ବଡ଼ ଉଦ୍ଦୀପନା ନିମନ୍ତେ ।

ଡିସେମ୍ବର ୧୫ ⇨ ସମଗ୍ର ପୃଥିବୀରେ ସମସ୍ତ ଯୁଦ୍ଧ ଓ ଆତଙ୍କ ଦ୍ୱାରା ଆକ୍ରାନ୍ତ ହୋଇଥିବା ଅଞ୍ଚଳଗୁଡ଼ିକରେ ଯେପରି ଶାନ୍ତି ଓ ଏକତା ଫେରି ଆସିବ ।

ଡିସେମ୍ବର ୧୬ ⇨ ଆମର ନିହିମିୟା ବାଇବଲ କଲେଜର ସମିତି ସଦସ୍ୟମାନଙ୍କ ନିମନ୍ତେ ।

ଡିସେମ୍ବର ୧୭ ⇨ ମିଥ୍ୟା ଶିକ୍ଷା ଓ ମିଥ୍ୟା ଆଶ୍ଚର୍ଯ୍ୟକର୍ମରୁ ବିଶ୍ୱାସୀମାନଙ୍କୁ ସ୍ୱର୍ଗୀୟ ସୁରକ୍ଷା ନିମନ୍ତେ ।

ଡିସେମ୍ବର ୧୮ ⇨ ଆମର ଡାକ୍ତର ଖାନା ସେବାକାର୍ଯ୍ୟ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

ହୋଇପାରନ୍ତି ମାତ୍ର ସେ ଯେତେ ଚେଷ୍ଟା କରିଥିଲେ ମଧ୍ୟ ଈଶ୍ୱରଙ୍କ ଯୋଜନାକୁ ବ୍ୟର୍ଥ କରିପାରି ନ ଥିଲେ। ଯୋନାଥନ ଏହା ସ୍ୱୀକାର କରିଥିଲେ ଯେ ଈଶ୍ୱର ପ୍ରତିଜ୍ଞାନୁସାରେ ଦାଉଦ ପରବର୍ତ୍ତୀ ରାଜା ହେବେ ଓ ସେ ନିଜେ ତାଙ୍କ ଅଧୀନରେ କାର୍ଯ୍ୟ କରିବେ ବୋଲି ନିଜର ଇଚ୍ଛା ପ୍ରକାଶ କରିଥିଲେ । ମନୁଷ୍ୟର କୌଣସି ଯୋଜନା, ନର୍କର କୌଣସି କୌଶଳ ଈଶ୍ୱରଙ୍କ ଉଦ୍ଦେଶ୍ୟ ବିରୁଦ୍ଧରେ ଠିଆ ହୋଇପାରିବ ନାହିଁ । ଯିରିମିୟ ୨୯:୧୧ ଅନୁସାରେ, ଈଶ୍ୱର ଆମ ପ୍ରତ୍ୟେକଙ୍କ ପାଇଁ ଗୋଟିଏ ଗୋଟିଏ ଯୋଜନା ରଖିଛନ୍ତି : **"ସେହି ସବୁ (ଯୋଜନା) ଅନ୍ତିମ କାଳରେ (ଆମକୁ) ଭରସା ଦେବା ନିମନ୍ତେ ... ମଙ୍ଗଳର ସଙ୍କଳ୍ପ ଅଟେ ।"**

ଯୋନାଥନ ଦାଉଦଙ୍କୁ ଉତ୍ସାହିତ କରିବା ପାଇଁ ଆଗେଇ ଆସିବା ଘଟଣାଟି ଆମକୁ ଏହା ସ୍ମରଣ କରାଇ ଦିଏ ଯେ ଯେତେବେଳେ ଆମେ ଅନ୍ୟମାନଙ୍କୁ ଉତ୍ସାହିତ କରୁ, ସେତେବେଳେ ସେମାନେ ପ୍ରଭୁଙ୍କଠାରେ ବଳବାନ ହୁଅନ୍ତି । ଆପଣ ଶେଷଥର ପାଇଁ କେବେ କୌଣସି ବ୍ୟକ୍ତି ଉତ୍ସାହିତ କରିଥିଲେ ? ଆମେ ପ୍ରାୟ ଆମ ନିଜ ନିଜ ପାଇଁ ଉତ୍ସାହ ଅନ୍ୱେଷଣ କରୁ, ମାତ୍ର ଅନ୍ୟ କୌଣସି ଜଣେ ବ୍ୟକ୍ତି ତାଙ୍କର ଆବଶ୍ୟକ ସମୟରେ, ତାଙ୍କ ପାଖକୁ ଯାଇ ତାଙ୍କୁ ଉତ୍ସାହିତ କରିବାକୁ ଚେଷ୍ଟା କରୁ କି? ଆଜିର ବ୍ୟସ୍ତ ଜଗତରେ, ଅନ୍ୟମାନଙ୍କର ଆବଶ୍ୟକତାଗୁଡ଼ିକୁ ଅଣଦେଖା କରିବା ସହଜ ଅଟେ । ବେଳେବେଳେ ଆମେ ଅର୍ଥ ପ୍ରେରଣ କରିବା ଯଥେଷ୍ଟ ଅଟେ ବୋଲି ଭାବୁ । ମାତ୍ର ଅର୍ଥ ସହାୟତା ଗୁରୁତ୍ୱପୂର୍ଣ୍ଣ ହେଲେ ସୁଦ୍ଧା, ସେମାନଙ୍କ ନିକଟରେ ଶାରୀରିକ ଭାବେ ଓ ମାନସିକ ଭାବେ ଉପସ୍ଥିତ ରହିବା ମଧ୍ୟ ସମାନ ଭାବରେ ଅନିବାର୍ଯ୍ୟ ଅଟେ ।

## ବର୍ସିଲ୍ଲୟ

ବାଇବଲରେ ଅନ୍ୟ ଏକ ପ୍ରେରଣାଦାୟକ ଚରିତ୍ର ହେଉଛି ବର୍ସିଲ୍ଲୟ। ସେ ଏହା ପ୍ରଦର୍ଶନ କରିଥିଲେ ଯେ ବୟସ କେବଳ ଗୋଟିଏ ସଂଖ୍ୟା ଅଟେ । ୨ ଶାମୁୟେଲ ୧୯:୩୨ରେ ଲେଖାଅଛି –

**"ସେହି ବର୍ସିଲ୍ଲୟ ଅଶୀ ବର୍ଷ ବୟସ୍କ ଅତି ବୃଦ୍ଧ ଲୋକ ଥିଲା, ଆଉ ସେ ଅତି ବଡ଼ ଲୋକ ଥିବାରୁ, ରାଜା ମହନୟିମରେ ଥିବା ବେଳେ ତାଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇଥିଲା ।"**

ବର୍ସିଲିୟ ୮୦ ବର୍ଷ ବୟସ୍କ ଥିଲେ । ଯେତେବେଳେ ଦାଉଦ ନିଜ ଲୋକମାନଙ୍କ ସହିତ ନିଜ ପୁତ୍ରଙ୍କଠାରୁ ପଳାୟନ କରୁଥିଲେ, ସେତେବେଳେ ତାଙ୍କର ଖାଦ୍ୟ ଓ ଅନ୍ୟାନ୍ୟ ସାମଗ୍ରୀର ଘୋର ଆବଶ୍ୟକତା ଥିଲା । ବର୍ସିଲ୍ଲୟ ନାମକ ଜଣେ ଧନୀ ଓ ବୃଦ୍ଧ ବ୍ୟକ୍ତି ଦାଉଦ ଓ ତାଙ୍କର ଅନୁଗାମୀମାନଙ୍କୁ ସାହାଯ୍ୟ କରିବା ପାଇଁ ପଦକ୍ଷେପ ନେଇଥିଲେ । ମହନୟିମ୍‌ରେ ଥିବା ସମୟରେ, ସେ ଦାଉଦ ଓ ତାଙ୍କର ଲୋକମାନଙ୍କୁ ଖାଦ୍ୟ ଦ୍ରବ୍ୟ ଯୋଗାଇଥିଲେ ।

ଏହି କାହାଣୀ ଏହି ବିଷୟକୁ ଚିତ୍ରିତ କରେ ଯେ ଦୟାର କାର୍ଯ୍ୟ ଲିଙ୍ଗ, ବର୍ଣ୍ଣ, କିମ୍ବା ବୟସ ଦ୍ୱାରା ସୀମିତ ନୁହେଁ – ଯେ କୌଣସି ବ୍ୟକ୍ତି ଅନ୍ୟମାନଙ୍କ ଭାର ବହନ କରିବାରେ ସାହାଯ୍ୟ କରିପାରନ୍ତି । ଏଥିପାଇଁ କେବଳ ଏକ ଇଚ୍ଛୁକ ଓ ଦୟାର ହୃଦୟ ମୁଖ୍ୟ ଆବଶ୍ୟକତା ଅଟେ । ଯେତେବେଳେ ଦାଉଦ ତାଙ୍କର ଦୟାକୁ ପୁରସ୍କୃତ କରିବା ପାଇଁ ତାଙ୍କୁ ତାଙ୍କ ସହିତ ରାଜ୍ୟକୁ ଫେରାଇ ଆଣିବାର ପ୍ରସ୍ତାବ ଦେଲେ, ସେତେବେଳେ ବର୍ସିଲ୍ଲୟ ନମ୍ରଭାବରେ ମନା କରିଥିଲେ ଓ ଏହା ପରିବର୍ତ୍ତେ, ସେଠାରେ ରହିଯିବା ପାଇଁ ଇଚ୍ଛା କରିଥିଲେ । ଏହା ଏହି ବିଷୟକୁ ପ୍ରଦର୍ଶନ କରେ ଯେ ତାଙ୍କର ପ୍ରେମ ଓ ଯତ୍ନରେ କୌଣସି ସ୍ୱାର୍ଥ ଇଚ୍ଛା ନ ଥିଲା, ସେ କେବଳ ଦାଉଦଙ୍କ ପାଇଁ, ତାଙ୍କ ଯନ୍ତ୍ରଣା ଓ ସଂଘର୍ଷରେ ସହଭାଗୀ ହେବା ପାଇଁ ଇଚ୍ଛା କରୁଥିଲେ ।

## ଯୀଶୁ

ଯୀଶୁ ଖ୍ରୀଷ୍ଟଙ୍କର ନିଃସ୍ୱାର୍ଥପର ପ୍ରେମଠାରୁ ଅଧିକ ଶ୍ରେଷ୍ଠତର ପ୍ରେମର ଆଉ କୌଣସି ଦୃଷ୍ଟାନ୍ତ ନାହିଁ । ସେ ଆମକୁ ଏତେ ଗଭୀରଭାବେ ପ୍ରେମ କରିଥିଲେ ଯେ ସେ ଆମ ପାପ ନିମନ୍ତେ କ୍ରୁଶ ଉପରେ ମୃତ୍ୟୁବରଣ କରିବା ପାଇଁ ସ୍ୱର୍ଗ ଓ ନିଜର ସିଂହାସନ ପରିତ୍ୟାଗ କରିବାକୁ ଇଚ୍ଛା କରିଥିଲେ । **"ତୁମ୍ଭର ନମ୍ରତା ମୋତେ ବୃଦ୍ଧିପ୍ରାପ୍ତ କରିଅଛି"** (ଗୀତସଂହିତା ୧୮:୩୫) । ଯୀଶୁ ନିଜକୁ ନମ୍ର କରିଥିଲେ ଓ ଗୋଟିଏ ଅଭିଶାପରେ ପରିଣତ ହୋଇଥିଲେ ଯେପରିକି ଆମେ ଆଶୀର୍ବାଦପ୍ରାପ୍ତ ହୋଇପାରିବୁ । ସେ ଆମର ଲଜ୍ଜା ଧାରଣ କରିଥିଲେ ଯେପରିକି ଆମେ ଆମର ମସ୍ତକ ଉଚ୍ଚ କରି ଚାଲିପାରିବୁ । ତାଙ୍କର ବଳିଦାନ ମାଧ୍ୟମରେ, ଆମେ ସର୍ବଶ୍ରେଷ୍ଠ ଦାନ : କ୍ଷମା ଓ ଅନନ୍ତଜୀବନ ପାଇଅଛୁ । ସେ ପ୍ରତିଜ୍ଞା କରିଛନ୍ତି : **"ଆମ୍ଭେ ତୁମ୍ଭକୁ କେବେ ହେଁ ଛାଡ଼ିବା ନାହିଁ, ଆମ୍ଭେ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବା ନାହିଁ"** (ଏବ୍ରୀ ୧୩:୫) । ସଦାପ୍ରଭୁ ଘୋଷଣା କରିଛନ୍ତି : **"ସେ ଆମ୍ଭ ଉପରେ ଆପଣା ସ୍ନେହ ରଖିଅଛି, ଏହେତୁ ଆମ୍ଭେ ତାହାକୁ ଉଦ୍ଧାର କରିବା, ସେ ଆମ୍ଭ ନାମ ଜାଣିଅଛି, ଏହେତୁ ଆମ୍ଭେ ତାହାକୁ ଉଚ୍ଚରେ ରଖିବା । ସେ ଆମ୍ଭ ନିକଟରେ ପ୍ରାର୍ଥନା କଲେ, ଆମ୍ଭେ ତାହାକୁ ଉତ୍ତର ଦେବା, ଦୁଃଖବେଳେ ଆମ୍ଭେ ତାହାର ସହବର୍ତ୍ତୀ ହେବା, ଆମ୍ଭେ ତାହାକୁ ରକ୍ଷା କରିବା ଓ ତାହାକୁ ସମ୍ଭ୍ରମ କରିବା"** (ଗୀତସଂହିତା ୯୧:୧୪–୧୫) ।

ଈଶ୍ୱର ଆମକୁ ଏହି ଭରସା ଦେଇଛନ୍ତି ଯେ ସେ କ୍ଲେଶ ସମୟରେ ଆମ ପାର୍ଶ୍ୱରେ ଓ ଆମ ସହିତ ରହିବେ । ଯୀଶୁ ଆମର ଭାର ତାଙ୍କୁ ଜଣାଇବା ପାଇଁ ଆମନ୍ତ୍ରଣ କରିଛନ୍ତି (ମାଥିଉ ୧୧:୨୮–୩୦) । **"ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ' ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଯୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ' ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ । ଯେଣୁ ମୋହର ଯୁଆଳି ସହଜ ଓ ମୋହର ଭାର ଉଶ୍ୱାସ"** (ମାଥିଉ ୧୧:୨୮–୩୦) ।

(ଅବଶିଷ୍ଟାଂଶ ୯ମ ପୃଷ୍ଠାରେ)


ନିହିମିୟା ବାଇବଲ ସାଂଧ୍ୟ କଲେଜ

ECHO OF HIS CALL 1969-2019 GOLDEN JUBILEE
REACHING NATIONS

ଥିଓଲୋଜିରେ ଡିପ୍ଲୋମା

ଚେପକ୍ ଓ ସନ୍ତୋଷପୁରମ୍, ଚେନ୍ନାଇ
ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !

ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ

Sponsorship Available

ମାଧ୍ୟମ ~ ତାମିଲ (Part time)

ଯୋଗାଯୋଗ :

ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

**Contact : The Chairman, Nehemiah Bible College.**
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର - ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଧୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ଣ ୪.୦୦ ଘଟିକା ।
୧୩. ତାମିଲ ଉପାସନା - ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା - ରବିବାର ଅପରାହ୍ଣ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା - ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା - ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା - ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା - ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଘ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

The Chairman, Nehemiah Bible College,
Echo of His Call, Post Box 2957
CHEPAUK, CHENNAI - 600 005.
Ph.: (044) 2852 8282, 2852 9293, 2854 7766,
Cell : 98410 71852, 95661 31858
E.mail : biblecor@yahoo.co.in

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମୀୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| Account Name | : | ECHO OF HIS CALL EDUCATIONAL TRUST |
| Account Number | : | 1023 2923 805 |
| Bank Name | : | STATE BANK OF INDIA |
| Branch | : | TRIPLICANE, CHENNAI - 600 005 |
| IFSC Code | : | SBIN 0000249 |
| SWIFT Code | : | SBI NIN BB 455 |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*



## ଗୋଟିଏ ପେନ୍‌ସିଲ ଆସନର କାହାଣୀ

ମୁଁ ଗୋଟିଏ ଗ୍ରାମ୍ୟ ସରକାରୀ ବିଦ୍ୟାଳୟରେ ମୋର ୫ମ ଶ୍ରେଣୀ ସମାପ୍ତ କରିବା ପରେ ଗୋଟିଏ ଉଚ୍ଚ ବିଦ୍ୟାଳୟକୁ ଉନ୍ନୀତ ହୋଇଥିଲି, ଯେଉଁଠାରେ ମୋତେ ପ୍ରଥମ ଥର ପାଇଁ ଇଂରାଜୀ ଅକ୍ଷରମାଳା ଶିକ୍ଷା ଦିଆଯାଇଥିଲା । ବିଦ୍ୟାଳୟରେ ପ୍ରଥମ ଦିନ, ଶ୍ରେଣୀ ଶିକ୍ଷୟିତ୍ରୀ ପରବର୍ତ୍ତୀ ଦିନ ଗୋଟିଏ ପେନ୍‌ସିଲ ଓ ଗୋଟିଏ ଟିପା ଖାତା ଆଣିବା ପାଇଁ ସମସ୍ତ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଁ ଗୃହକୁ ଆସିବା ମାତ୍ରେ, ମୋର ମା'ଙ୍କୁ ଏହି ଆବଶ୍ୟକତା ବିଷୟରେ କହିଥିଲି କାରଣ ମୋ' ବାପା ବାହାରେ ଥିଲେ । ମୋର ମା' ମୋତେ ଖାତା ଦେଇ ପାରିଲେ, ମାତ୍ର ମୋ' ନିମନ୍ତେ ପେନ୍‌ସିଲ କିଣିବା ପାଇଁ ଅସମର୍ଥ ଥିଲେ । ସେ କୌଣସି ପ୍ରତିବେଶୀଙ୍କଠାରୁ ସାହାଯ୍ୟ ମାଗିବା ପାଇଁ ଇଚ୍ଛା କରୁ ନ ଥିବାରୁ, ସେ ମୋ' ନିକଟରେ ତାଙ୍କର ଅସାମର୍ଥ୍ୟ ପ୍ରକାଶ କରିଥିଲେ ଓ ମୋର ବ୍ୟବହାର ପାଇଁ ଗୋଟିଏ ପେନ୍‌ସିଲ୍ ଯୋଗାଇଦେବା ନିମନ୍ତେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ ମୋତେ କହିଥିଲେ ।

ତାଙ୍କ କଥାର ବାଧ ହୋଇ, ମୁଁ ରାତିରେ ଆଣ୍ଠୁଭାଙ୍ଗି, ମୋତେ ଗୋଟିଏ ପେନ୍‌ସିଲ୍ ଦେବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲି ଓ ଶୋଇବାକୁ ଯାଇଥିଲି । ପରଦିନ ସକାଳ ପର୍ଯ୍ୟନ୍ତ, ଈଶ୍ୱର ମୋତେ ଗୋଟିଏ ପେନ୍‌ସିଲ ଦେଇ ନ ଥିଲେ । ସେଥିପାଇଁ ମୁଁ ପେନ୍‌ସିଲ୍ ନ ନେଇ ସ୍କୁଲକୁ ଯାଇଥିଲି । ଯେତେବେଳେ ଅନ୍ୟ ଛାତ୍ରମାନେ ସେମାନଙ୍କର ନିଜ ନିଜର ପେନ୍‌ସିଲ୍ ଆଣିଥିଲେ, ସେତେବେଳେ ମୁଁ କେବଳ ଜଣେ ମାତ୍ର ଛାତ୍ର ଥିଲି ଯିଏ ଶିକ୍ଷୟିତ୍ରୀଙ୍କର ଆଦେଶ ପାଳନ କରିବା ପାଇଁ ଅସମର୍ଥ ଥିଲା । ସେଥିପାଇଁ ସେ ମୋ' ଉପରେ ଅସନ୍ତୁଷ୍ଟ ହେଲେ । ସେ ମୋତେ କହିଥିଲେ ଯେ ମୁଁ ପେନ୍‌ସିଲ୍ ନ ନେଇ ଆଗାମୀ ଦିନ ଯେପରି ସ୍କୁଲକୁ ଆସିବି ନାହିଁ ।

ମୁଁ ଗୃହକୁ ଆସି ଶିକ୍ଷୟିତ୍ରୀଙ୍କର ଅସନ୍ତୋଷ ବିଷୟରେ ମୋର ମା'ଙ୍କୁ କହିଲି । ସେ ମୋତେ ଚାହିଁ କେବଳ ସ୍ମିତ ହାସ୍ୟ କଲେ ଓ ଦ୍ୱିତୀୟ ଦିନ ମଧ୍ୟ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କ ନିକଟରେ ପ୍ରାର୍ଥନା କରିବା ପାଇଁ ମୋତେ କହିଥିଲେ ଓ ଏହି ଭରସା ଦେଇଥିଲେ ଯେ ପେନ୍‌ସିଲ ଆସୁଅଛି । ମୁଁ ସେହିପରି କରିଥିଲି ଓ କିଛି ଘଟି ନ ଥିବାର ଦେଖିଲି । ସେଥିପାଇଁ ମୋତେ ପୁଣି ଥରେ ଖାଲି ହାତରେ ସ୍କୁଲକୁ ଯିବାକୁ ପଡ଼ିଥିଲା । ଯେତେବେଳେ ମୋତେ ଶିକ୍ଷୟିତ୍ରୀ ପଚାରିଲେ, ସେତେବେଳେ ମୁଁ କହିଥିଲି ଯେ ମୋର ମା'ଙ୍କର ନିର୍ଦ୍ଦେଶ ଅନୁସାରେ ମୁଁ ପ୍ରଭୁ ଯୀଶୁଙ୍କ ନିକଟରେ ପ୍ରାର୍ଥନା କରିଥିଲି ଓ ବର୍ତ୍ତମାନ ପେନ୍‌ସିଲ୍ ଆସୁଅଛି, ପଥ ମଧ୍ୟରେ ଅଛି । ଶିକ୍ଷୟିତ୍ରୀ ମୋ' ଉପରେ ବିରକ୍ତ, କ୍ରୁଦ୍ଧ ହେଲେ ଓ ମୋ' ମା'ଙ୍କର ଆଚରଣ ପ୍ରତି ମଧ୍ୟ ଅସନ୍ତୁଷ୍ଟ ହେଲେ । ପରଦିନ ପେନ୍‌ସିଲ୍ ବିନା ନ ଆସିବା ପାଇଁ ସେ ମୋତେ କହିଥିଲେ ।

### "ବାଳକର ଗନ୍ତବ୍ୟ ପଥରେ ତାହାକୁ ଶିକ୍ଷିତ କରାଅ, ତେଣୁ ସେ ବୃଦ୍ଧ ହେଲେ ହେଁ ତହିଁରୁ ବିମୁଖ ହେବ ନାହିଁ" (ହିତୋପଦେଶ ୨୨:୬) ।

ଅତି ଦୁଃଖର ସହିତ, ମୁଁ ମୋର ମା'ଙ୍କୁ ଏହି ସମ୍ବାଦ ଜଣାଇଥିଲି । ମୋର ପେନ୍‌ସିଲ୍ ପ୍ରାର୍ଥନା ଶୁଣିଥିବାରୁ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କୁ ଧନ୍ୟବାଦ ଦେବା ନିମନ୍ତେ ସେ ମୋତେ କହିଥିଲେ । ମୁଁ ମଧ୍ୟ ରାତ୍ରି ପର୍ଯ୍ୟନ୍ତ ପ୍ରଭୁଙ୍କୁ ଧନ୍ୟବାଦ ଦେବାରେ ଲାଗିଥିଲି । ମାତ୍ର ଯଦି ମୁଁ ଗୋଟିଏ ପେନ୍‌ସିଲ ନ ନେଇ ସ୍କୁଲକୁ ଯିବି, ତେବେ ଯେଉଁ କଷ୍ଟକର ସମୟ ଓ ଦଣ୍ଡର ସମ୍ମୁଖୀନ ହେବି, ସେହି ବିଷୟରେ ଚିନ୍ତା କରି ମୁଁ ଶୋଇ ପାରି ନ ଥିଲି ।



ମଧ୍ୟ ରାତ୍ରିରେ କେହି ଜଣେ ଦ୍ୱାରରେ ଆଘାତ କରୁଥିବାର ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି । ମୋର ମା' ମୋତେ କହିଲେ ଯେ ଆମ ଗୃହରେ କେହି ବୟସ୍କ ପୁରୁଷ ନାହାନ୍ତି ବୋଲି ଜାଣି, କେତେ ଚୋର ହୁଏତ ଦ୍ୱାରରେ ଆଘାତ କରୁଛନ୍ତି । ଏଥିପାଇଁ ସେ ମୋତେ ନୀରବ ରହି ଶୋଇବା ପାଇଁ କହିଲେ ।

ଏହାପରେ ମୋର ମା'ଙ୍କର ନାମ ଧରି କେହି ଜଣେ ଝର୍କା ପାଖରୁ ଡାକୁଥିବାର ଆମେ ଶୁଣିଲୁ, ସେ ମୋର ମାମୁଁ ଶ୍ରୀଯୁକ୍ତ ସେଲ୍‌ଭାମନୀ ଥିଲେ, ଯିଏ ଆମ ଗୃହଠାରୁ ପ୍ରାୟ ୭୦ କିମି ଦୂରରେ ଥିବା ପାଲାୟାମ୍‌କୋଟ୍ଟାଇ ନାମକ ଏକ ସହରରେ ଜଣେ ପାଲିସ୍ ଅଫିସର ଭାବେ କାର୍ଯ୍ୟ କରୁଥିଲେ । ଆମେ ଖୁସିରେ ଦ୍ୱାର ଖୋଲିଲୁ, ସେ ମୋ' ପାଇଁ ଯେପରି ସବୁଥର କରନ୍ତି, ସେହିପରି ଏବେ ମଧ୍ୟ ମୋ' ପାଇଁ ବିସ୍କୁଟ, ମିଠା, ଲୁଗାପଟା, ଇତ୍ୟାଦି ଅନେକ ଉପହାର ଆଣିଥିଲେ। ଯେତେବେଳେ ମୁଁ ଗୋଟିଏ ନିର୍ଦ୍ଦିଷ୍ଟ ଉପହାର ପ୍ୟାକେଟ ଖୋଲିଲି, ସେତେବେଳେ ଏହା ଭିତରେ ଗୋଟିଏ ଛୋଟ ବାକ୍ସ ଦେଖିଲି । ମୁଁ ଏହାକୁ ଆଗ୍ରହର ସହିତ ଖୋଲିବା ପରେ, ଏହା ଭିତରେ ଅତି ଦାମୀ ପେନ୍‌ସିଲ୍ ସବୁ ଭର୍ତ୍ତି ହୋଇ ରହିଥିବାର ଦେଖିଲି (ସେହି ସମୟରେ ନଟରାଜ ପେନ୍‌ସିଲ ଅତି ଦାମୀ ଥିଲା) । ସେହି ବାକ୍ସରେ ୨୪ଟି ପେନ୍‌ସିଲ୍ ଥିଲା ।

ମୁଁ ସେହି ରାତିରେ ଡିଆଁ ମାରି କହିଥିଲି ଯେ ଈଶ୍ୱର ଯୀଶୁ ଖ୍ରୀଷ୍ଟ କେବଳ ଯେ ମୋର ପ୍ରାର୍ଥନା ଶୁଣିଥିଲେ, ତା' ନୁହେଁ, ସେ ମୋର ପ୍ରାର୍ଥନାର ଉତ୍ତର ମଧ୍ୟ ଦେଇଥିଲେ ।

ପରଦିନ ସକାଳେ, ମୁଁ ଖୁସିରେ ସେହି ୨୪ଟି ଯାକ ପେନ୍‌ସିଲ ଥିବା ବାକ୍ସକୁ ନେଇ ସ୍କୁଲକୁ ଗଲି । ଅନ୍ୟ ଛାତ୍ରମାନେ କେବଳ ଗୋଟିଏ ଲେଖାଁଏ ପେନ୍‌ସିଲ ଆଣିଥିଲେ । ଶିକ୍ଷୟିତ୍ରୀ ଏକ କଠୋର ମୁଖ ସହିତ ମୋ' ପାଖକୁ ଆସିଲେ ଓ

କ'ଣ ଘଟିଛି ବୋଲି ମୋତେ ପଚାରିଲେ । ମୁଁ ଉତ୍ତର ଦେଇଥିଲି ଯେ ଗତକାଲି ଯେଉଁ ପେନ୍‌ସିଲ୍ ପଥ ମଧ୍ୟରେ ଥିଲା, ତାହା ଆଶ୍ଚର୍ଯ୍ୟଜନକ ଭାବରେ ଆଜି ମୋର ହାତକୁ ଆସିଥିଲା । ସେ ଖୁସିରେ ମୋ' ପିଠିକୁ ଥାପୁଡ଼େଇଲେ ଓ ଛାତ୍ରମାନଙ୍କ ନିକଟରେ ଏହି ଘୋଷଣା କରିଥିଲେ ଯେ ଜଣେ ଜୀବିତ ପରମେଶ୍ୱର ଅଛନ୍ତି, ଯାହାଙ୍କର ନାମ ଯୀଶୁ ଖ୍ରୀଷ୍ଟ ଅଟେ ।

ପ୍ରିୟ ପାଠକ, ମୁଁ ସାତବର୍ଷ ବୟସର ଥିବା ବେଳେ ଏହି ଘଟଣା ଘଟିଥିଲା । ମାତ୍ର ସେହି ଅନୁଭୂତି ଏପର୍ଯ୍ୟନ୍ତ ମୋ' ମନରେ ସତେଜ ହୋଇ ରହିଛି । ମୋତେ ପେନ୍‌ସିଲ ଯୋଗାଇଥିବା ଈଶ୍ୱର ଏ ପର୍ଯ୍ୟନ୍ତ ଜୀବିତ ଅଛନ୍ତି । **''ସେ କାଲି, ଆଜି ଓ ଚିରକାଳ ସମାନ ଅଟନ୍ତି''** (ଏବ୍ରୀ ୧୩:୮) । ସେଥିପାଇଁ, ଆଜି, ମୁଁ ମୋ' କୋଠରୀରେ ଗୋଟିଏ ଛୋଟ ଆସନ ରଖିଅଛି ଓ ଏହାକୁ ମୁଁ **''ପେନ୍‌ସିଲ୍ ଆସନ'' ବୋଲି କହେ । ମୁଁ ପ୍ରତିଦିନ ସକାଳେ ପେନ୍‌ସିଲ ଆସନରେ ବସି, ମୋର ବ୍ୟସ୍ତ କାର୍ଯ୍ୟସୂଚୀ ସତ୍ତ୍ୱେ ଦିନକୁ ଅନ୍ତତଃ, ତିନିଥର ପ୍ରାର୍ଥନା କରେ ଓ ସେହି ସମାନ ଈଶ୍ୱର ଯୀଶୁ ଖ୍ରୀଷ୍ଟଙ୍କୁ ମୋର ଆବଶ୍ୟକତାଗୁଡ଼ିକୁ ଜଣାଏ । ଏପର୍ଯ୍ୟନ୍ତ, ମୁଁ ତାଙ୍କଠାରୁ ସୂଚୀ ଠାରୁ ଆରମ୍ଭ କରି ଅନେକ ଛୋଟ ବସ୍, ବଡ଼ ବଡ଼ ଗୃହ ଇତ୍ୟାଦି ଏହି ପେନ୍‌ସିଲ୍ ଆସନ ମାଧ୍ୟମରେ ପାଇଅଛି । ସେଥିପାଇଁ ମୁଁ ଏହି ସିଦ୍ଧାନ୍ତରେ ପହଞ୍ଚି ଅଛି ଯେ ଯେଉଁ ହସ୍ତ ପବିତ୍ର ବାଇବଲକୁ ବହନ କରେ ଓ ଯେଉଁ ଗୋଟ ପ୍ରାର୍ଥନା କରିବା ପାଇଁ ଆଣ୍ଠୁ ଭାଙ୍ଗେ, ତାହା କେବେ ହେଲେ ବିଫଳ ହେବ ନାହିଁ ।**

ସେଥିପାଇଁ ମୋର ବିଗତ ୫୫ ବର୍ଷର ସେବାକାର୍ଯ୍ୟ ମଧ୍ୟରେ, ମୁଁ କୌଣସି ଅର୍ଥ ସଂଗ୍ରହର କାର୍ଯ୍ୟକ୍ରମର ଆୟୋଜନ କରି ନାହିଁ କିମ୍ବା ଆମର ବହୁମୁଖୀ ସେବାକାର୍ଯ୍ୟର ଆବଶ୍ୟକତା ପାଇଁ ଅର୍ଥ ଓ ଦ୍ରବ୍ୟ ସଂଗ୍ରହ କରିବାକୁ କୌଣସି ଦ୍ୱାର ନିକଟକୁ ଯାଇ ନାହିଁ । ମୁଁ ମୋର ସେହି ଈଶ୍ୱରଙ୍କଠାରୁ ଅର୍ଥ ପାଉଅଛି, ଯିଏ ମୋର ସମସ୍ତ ଆବଶ୍ୟକତାର ପୂରଣ ନିମନ୍ତେ ମୋର ପେନ୍‌ସିଲ୍ ଆସନରୁ ମୋତେ ଉତ୍ତର ଦେଇଛନ୍ତି ।

**''ମୋହର ଶକ୍ତିଦାତା (ଖ୍ରୀଷ୍ଟ)ଙ୍କ ସାହାଯ୍ୟରେ ମୁଁ ସମସ୍ତ କରିପାରେ''** (ଫିଲିପ୍ପୀୟ ୪:୧୩) ।

*************

(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)

ସେ ପ୍ରସ୍ତୁତ ଅଛନ୍ତି ଓ ଆମେ ଯେପରି ତାଙ୍କ ନିକଟକୁ ଆସିବୁ ଓ ଆମର ଚିନ୍ତା, ଯନ୍ତ୍ରଣା, ବିଫଳତା ଓ ଭୟକୁ ଛାଡ଼ିଦେବୁ, ଏଥିପାଇଁ ସେ ଅପେକ୍ଷା କରୁଛନ୍ତି । ଆଜି ଆପଣ ତାଙ୍କ ନିକଟକୁ ଆସି, ତାଙ୍କୁ ଆପଣଙ୍କ ଭାରରେ ସହଭାଗୀ କରିବେ କି ?

ଯୀଶୁ ଯେତେ ଅଧିକ ଆମର ଭାର ବହନ କରନ୍ତି ଓ ଆମ ପାଇଁ ପ୍ରାର୍ଥନା କରିବା ନିମନ୍ତେ ଆମ ନିକଟରେ ଗୋଟିଏ ମଣ୍ଡଳୀ ପରିବାରର ଯେତେ ଅଧିକ ସହାୟତା ରହିବ, ଆମେ ସେତେ ଅଧିକ କୌଣସି ଜଣଙ୍କର ଜୀବନରେ ଗୋଟିଏ ''ଯୋନାଥନ'' ହେବାର ମାର୍ଗ ମଧ୍ୟ ଅନ୍ୱେଷଣ କରିବୁ ।

## ୧. ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରିବା

ପ୍ରାର୍ଥନା ଏକ ଶକ୍ତିଶାଳୀ ଉପକରଣ ଅଟେ । ଆମେ ଏକ ଆରେକ ପାଇଁ ପ୍ରାର୍ଥନା କରିପାରିବା । ଯଦି ଆପଣ କାହାରିକୁ ପାପ ସହିତ ସଂଘର୍ଷ କରୁଥିବାର ଦେଖନ୍ତି, ତେବେ ତାଙ୍କୁ ସମାଲୋଚନା କରିବା ପରିବର୍ତ୍ତେ, ତାଙ୍କ ନିମନ୍ତେ ଓ ତାଙ୍କ ସହିତ ପ୍ରାର୍ଥନା କରନ୍ତୁ । ତାଙ୍କ ପାଖେ ପାଖେ ଚାଲନ୍ତୁ । ଯଦି ଆପଣ କାହାରି ପ୍ରତି ଅସନ୍ତୁଷ୍ଟ ଅଟନ୍ତି, ତେବେ ଅନ୍ୟମାନଙ୍କ ନିକଟରେ ତାଙ୍କ ବିଷୟରେ ନିନ୍ଦା କରିବା ପରିବର୍ତ୍ତେ ତାଙ୍କ ନିମନ୍ତେ ପ୍ରାର୍ଥନା କରିବା ଆରମ୍ଭ କରନ୍ତୁ ।

## ୨. ଶୁଣିବା

ବେଳେବେଳେ ଲୋକମାନେ କେବଳ ଶୁଣିବା ଆବଶ୍ୟକ କରନ୍ତି । ସେମାନେ କେବଳ ଗୋଟିଏ ଦୟାଳୁ କର୍ଣ୍ଣ ବ୍ୟତୀତ ସେମାନଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପରାମର୍ଶ କିମ୍ବା ସମାଧାନ ଆବଶ୍ୟକ କରନ୍ତି ନାହିଁ । ବିଚାର ନ କରି କେବଳ ଶୁଣନ୍ତୁ । ସେ ହୁଏତ ଜଣେ ପରିବାର ସଦସ୍ୟ, ଜଣେ ବନ୍ଧୁ କିମ୍ବା ଆପଣଙ୍କୁ କଷ୍ଟ ଦେଇଥିବା କୌଣସି ବ୍ୟକ୍ତି ମଧ୍ୟ ହୋଇପାରନ୍ତି । ଯେତେବେଳେ ଲୋକମାନେ ଜଣେ ଶ୍ରୋତାଙ୍କୁ ସର୍ବାଧିକ ଆବଶ୍ୟକ କରନ୍ତି, ସେତେବେଳେ ଜଣେ ଉତ୍ତମ ଶ୍ରୋତା ହୁଅନ୍ତୁ ।

## ୩. ଆବଶ୍ୟକତା ପୂରଣ କରିବା

ଯାକୁବ ଆମକୁ ଏହି ଶିକ୍ଷା ଦେଇଛନ୍ତି ଯେ କାର୍ଯ୍ୟ ମାଧ୍ୟମରେ ବିଶ୍ୱାସ ପ୍ରଦର୍ଶିତ ହେବା ଉଚିତ୍ । କେବଳ ପ୍ରାର୍ଥନା ଓ ଶ୍ରବଣ ଯଥେଷ୍ଟ ନୁହେଁ, ଆମକୁ ଅନ୍ୟମାନଙ୍କର ଆବଶ୍ୟକତା ପୂରଣରେ ସାହାଯ୍ୟ କରିବା ପାଇଁ ବାସ୍ତବ ମାର୍ଗକୁ ଖୋଜି ବାହାର କରିବାକୁ ହେବ । ଏଥିରେ ସର୍ବଦା ଅର୍ଥ ଅନ୍ତର୍ଭୁକ୍ତ ନ ଥାଏ – ଆମେ ଅନ୍ୟମାନଙ୍କୁ ସହାୟତା ଓ ଚାଳନା ଦେବା ପାଇଁ ଆମେ ଆମର ଦକ୍ଷତା ଓ ଜ୍ଞାନକୁ ବ୍ୟବହାର କରିପାରିବା ।

## ୪. ଯାନ୍ତ୍ରିକ ବିଦ୍ୟା

ଗୋଟିଏ ଉଦ୍ଦେଶ୍ୟ ପାଇଁ ଯାନ୍ତ୍ରିକ ବିଦ୍ୟାକୁ ବ୍ୟବହାର କରନ୍ତୁ । କୌଣସି କଷ୍ଟକର ସମୟ ମଧ୍ୟ ଦେଇ ଗତି କରୁଥିବା କୌଣସି ଜଣେ ବ୍ୟକ୍ତିଙ୍କୁ ଉତ୍ସାହପ୍ରଦ ବାର୍ତ୍ତା କିମ୍ବା ସ୍ୱର (ଭଏସ) ବାର୍ତ୍ତା ପ୍ରେରଣ କରନ୍ତୁ । ଗୋଟିଏ ପ୍ରାର୍ଥନା କିମ୍ବା ଏକ ଉତ୍ସାହପ୍ରଦ ବାର୍ତ୍ତା ପ୍ରେରଣ କରନ୍ତୁ : ଯଦିଓ ଆପଣ ଶାରୀରିକ ଭାବେ ସେଠାରେ ଉପସ୍ଥିତ ହୋଇ ପାରିବେ ନାହିଁ, ତଥାପି ଆପଣଙ୍କ ବାର୍ତ୍ତାରେ ଶକ୍ତିପୂର୍ଣ୍ଣ ପ୍ରଭାବ ରହିବ । ସଂଘର୍ଷ କରୁଥିବା ଲୋକମାନଙ୍କୁ ଉତ୍ସାହିତ କରିବା ପାଇଁ ଗୋଟିଏ ବାଇବଲ ପଦ କିମ୍ବା ଗୋଟିଏ ସରଳ ବାର୍ତ୍ତା ଜଣାନ୍ତୁ ।

## ୫. ମଣ୍ଡଳୀର ଯତ୍ନ ନେବା

ଆପଣଙ୍କ ମଣ୍ଡଳୀର ମଙ୍ଗଳ ପ୍ରତି ଯତ୍ନଶୀଳ ହେବାର ଏକ ଅଭ୍ୟାସ କରନ୍ତୁ । ଯଦି ଆପଣ ଲକ୍ଷ୍ୟ କରୁଛନ୍ତି ଯେ କେହି ଜଣେ ମଣ୍ଡଳୀକୁ ଆସୁ ନାହାନ୍ତି, ତେବେ ତାଙ୍କୁ ଫୋନ୍ କରି ପଚାରନ୍ତୁ, ''ମୁଁ ଆପଣଙ୍କ ନିମନ୍ତେ ପ୍ରାର୍ଥନା କରିପାରିବି କି ? ଏପରି କୌଣସି ବିଷୟ ଅଛି କି, ଯେଉଁଥିରେ ମୁଁ ଆପଣଙ୍କୁ ସାହାଯ୍ୟ କରିପାରିବି ?'' ଏହି ବିଷୟରେ ସୁନିଶ୍ଚିତ ହୁଅନ୍ତୁ ଯେ ସେ ଯେ ଗୋଟିଏ ପରିବାରର ସଦସ୍ୟ, ଏହା ଆମର ଭାଇ ଓ ଭଉଣୀମାନେ ଜାଣନ୍ତି ।

## ୬. ସେବା କରିବା

ଶେଷରେ, ଯୀଶୁ ଯେପରି କରିଥିଲେ ସେହିପରି ଯଥା ସାଧ୍ୟ ମାର୍ଗରେ ଅନ୍ୟମାନଙ୍କର ସେବା କରିବା ପାଇଁ ଉପଲବ୍ଧ ରହନ୍ତୁ । ସେବା କରିବାର ସୁଯୋଗ ଗୁଡ଼ିକ ଅଶେଷ ଅଟେ, ମାତ୍ର ମୁଖ୍ୟ ବିଷୟ ହେଉଛି, ପରସ୍ପରର ଭାର ବହନ କରିବା ପାଇଁ ଓ ଈଶ୍ୱରଙ୍କ ସନ୍ତାନ ସନ୍ତତି ଭାବରେ ଆମ ଆହ୍ୱାନର ଯୋଗ୍ୟ ଆଚରଣ କରିବା ପାଇଁ ମାର୍ଗ ଅନ୍ୱେଷଣ କରିବା ।

*************

**ଆବଶ୍ୟକ**

**ଅଧ୍ୟକ୍ଷ**

**ଚେନ୍ନାଇସ୍ଥିତ ଖ୍ରୀଷ୍ଟିଆନ ମ୍ୟାଟ୍ରିକ୍ୟୁଲେସନ୍ ସ୍କୁଲ ନିମନ୍ତେ**

ଆମେ ଯୋଗ୍ୟ, ଅଭିଜ୍ଞ, ପରିଶ୍ରମୀ ଓ ମିଶନ-କୈନ୍ଦ୍ରିକ ଖ୍ରୀଷ୍ଟିଆନ ଆବଶ୍ୟକ କରୁଅଛୁ ।

Apply to :
E.mail: biblecor@yahoo.co.in
WhatsApp: (+91) 97908 05460

RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ‘‘ଆହ୍ୱାନର ପ୍ରତିଧ୍ୱନି ୟୁ–ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **S. Sam Selva Raj** |
| A/C No. | : | **1023 2934 679** |
| IFSC | : | **SBIN 00 00 249** |
| SWIFT CODE | : | **SBI NIN BB 455** |

### *2. Bank : ICICI Bank*

| | | |
|---|---|---|
| Branch | : | **Anna Salai, Chennai-6** |
| Name | : | **Echo of His Call** |
| A/C No. | : | **6038 0502 2319** |
| IFSC | : | **ICIC 000 6038** |

### *3. Bank : State Bank of India*

**(This Account is for Tax Exemption for Indians only )**

| | | |
|---|---|---|
| Branch | : | **Triplicane, Chennai-5** |
| Name | : | **Echo of His Call Educational Trust** |
| A/C No. | : | **1023 2923 805** |
| IFSC | : | **SBIN 00 00 249** |

**Google Pay: 98410 71858**
**PayPal : SAM SELVA RAJ**

*****

**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ ‘ଆହ୍ୱାନର ପ୍ରତିଧ୍ୱନି’ ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ‘‘ଆହ୍ୱାନର ପ୍ରତିଧ୍ୱନି’’ ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ–ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ ‘‘ଆହ୍ୱାନର ପ୍ରତିଧ୍ୱନି’’ ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ‘‘ଆହ୍ୱାନର ପ୍ରତିଧ୍ୱନି’’ କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ–ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.com

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS / 1 Patrika Channel"**
**on 18th NOVEMBER 2024.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

***GOD BLESS YOU!***

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers,** New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**